ଶନିବାର, ୧ ନଭେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years





# ଖିଲି ଖିଲି ହସ

ପବ୍ଲିକ୍ ଟୟଲେଟ୍‌ରେ ଲେଖା ଥିଲା ଦୁନିଆ ଚନ୍ଦ୍ରରେ ପହଞ୍ଚିଲାଣି, ହେଲେ ତୁମେ ଏଇଠି ବସିଛ ?
ପପୁ ତା' ମୁଣ୍ଡ ଖର୍ଚ୍ଚ କରି ତଳେ ଲେଖିଦେଲା– ଚନ୍ଦ୍ରରେ ପାଣି ନ ଥିବାରୁ ମୁଁ ତଳକୁ ଫେରି ଆସିଲି।

ବାପା–ଦୀପୁ, ନେ ଦୁଇ ହଜାର ଟଙ୍କା।
ରାଜୁ–ବାପା, କ'ଣ ପାଇଁ ଆପଣ ମୋତେ ଦୁଇ ହଜାର ଟଙ୍କା ଦେଲେ ?
ବାପା– ପୁଅ,ଏଇଟା ତୋ ପରିଶ୍ରମର ଫଳ, କାରଣ ଯେବେଠୁ ତୁ ହ୍ୱାଟ୍ସଆପ୍ ବ୍ୟବହାର କଲୁଣି ସେବେଠୁ ମୁଁ ସିକ୍ୟୁରିଟି ରଖିନି।

ପପୁ ରୁଟି ଛିଣ୍ଡାଇ ଖଣ୍ଡେ ଖଣ୍ଡେ ଖାଉଥିଲା ଓ ପାଖରେ ବସି ଗୋଟିଏ କୁକୁଡ଼ାକୁ ଖୁଆଉଥିଲା। ଏହା ଦେଖି ବାପା ପଚାରିଲେ, କ'ଣ କରୁଛୁ ?
ପପୁ: ବାପା,ମୁଁ ଚିକେନ୍ ସହ ରୁଟି ଖାଉଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଗପ

# ଚକୋଲେଟ୍ ମଉସା



ପ୍ରତି ସପ୍ତାହର ମଙ୍ଗଳବାର ଏବଂ ଶୁକ୍ରବାର ଗାଁ ଦାଣ୍ଡରେ ଭିଡ଼ ଜମେ। ଠିକ୍ ସକାଳ ୧୦ଟା ବେଳକୁ ଘଣ୍ଟିର ଟିଂ ଟିଂ ଶବ୍ଦ ଗାଁ ପରିବେଶରେ ଏକ ଅପୂର୍ବ ଖୁସି ଖେଳେଇଦିଏ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ଦୌଡ଼ି ଯାଆନ୍ତି ଅନାମ ମଉସାଙ୍କ ହାତତିଆରି ଚକୋଲେଟ୍ ଖାଇବା ପାଇଁ। ମଉସାଙ୍କ ବୟସ ପାଖାପାଖି ୮୪ ହେବ। ଶରୀର ଶୁଖିକି କଣ୍ଟା ଦିଶିଲାଣି, ଚର୍ମ ଧୁଡୁକି ଗଲାଣି, ଆଖିକୁ ଆଉ ଭଲ ଭାବେ ଦିଶୁନି। ତଥାପି ସ୍ନେହ ଓ ପ୍ରେମରେ ଭରା ହୋଇଥିବା ଚକୋଲେଟ୍‌କୁ ବିକିବା ପାଇଁ ତାଙ୍କ ମନରେ ସିଂହ ପରି ବଳ। ମଉସାଙ୍କ ଚକୋଲେଟ୍ ଯିଏ ଥରେ ଖାଇଛି, ସିଏ ସବୁଦିନ ପାଇଁ ବାନ୍ଧି ହୋଇଯାଇଛି। ଖଟା, ମିଠା, ରାଗ ଏବଂ ଫଳରସଦିଆ ଚକୋଲେଟ୍ ସମସ୍ତଙ୍କ ମନକୁ ସହଜରେ କିଣିନିଏ। ସେଥିପାଇଁ ଲୋକମାନେ ମଉସାଙ୍କୁ ଗେହ୍ଲାରେ ଡାକନ୍ତି ଚକୋଲେଟ୍ ମଉସା।

ଦିନକର ଘଟଣା। ମଉସା ଗାଁକୁ ଚକୋଲେଟ୍ ବିକିବାକୁ ଆସିଥା'ନ୍ତି। ହଠାତ୍ ସେ ଦେଖିଲେ ଗୋଟିଏ ଘରର ବାଲ୍‌କୋନି ଉପରେ ବାଳକଟିଏ ଛିଡ଼ାହୋଇ ତାଙ୍କୁ ଏକଲୟରେ ଚାହିଁଛି। ମଉସା କିଛି ସମୟ ପରେ ସେ ବାଳକକୁ ପାଖକୁ ଡାକି ଚକୋଲେଟ୍ ଦେଲେ, କିନ୍ତୁ ସେ ଖାଇଲା ନାହିଁ। କହିଲା– ''ମଉସା ! ଏ ଆଧୁନିକ ଯୁଗରେ ଆମେ ବଜାରରେ ଅନେକ ପ୍ରକାରର ଚକୋଲେଟ୍ ଖାଇବାକୁ ପାଉଛୁ। ହେଲେ ଆପଣ ଏ ବୟସରେ ଏମିତିଆ ଚକୋଲେଟ୍ ଧରି କାହିଁକି ବିକୁଛନ୍ତି ?'' ମଉସା ସାମାନ୍ୟ ହସିଦେଇ କହିଲେ– ''ଇଏ ହେଉଛି ମୋ ବେଉସା। ମୋ ବାପା ଏହି କାମ କରୁଥିଲେ, ଆଉ ଏବେ ମୁଁ କରୁଛି। ଯଦି ମୁଁ ଏହି କାମ ଛାଡ଼ିଦେବି, ତେବେ ମୋ ବୃତ୍ତି ଏବଂ କୁଳର ପରିଚୟ ମରିଯିବ। ବର୍ତ୍ତମାନର ଆଧୁନିକ ଯୁଗରେ ଅନେକେ ନିଜର କୌଳିକ ବୃତ୍ତିକୁ ଛାଡ଼ି ଅନ୍ୟ କାମ କରୁଛନ୍ତି, ଯଦ୍ୱାରା ଆମ ପରମ୍ପରା ଓ ସଂସ୍କୃତି ଗଭୀର ଭାବେ କ୍ଷୟ ହେଉଛି। କୁମ୍ଭାର ଆଉ ମାଟିରେ ବିଭିନ୍ନ ଜିନିଷ ଗଢ଼ୁନି କିମ୍ବା କମାର ଆଉ ଲୁହା କାମ କରୁନି। ପିଲାମାନେ ପାଠ ପଢ଼ିବା ପରେ ନିଜର କୁଳ ବେଉସା କରିବାକୁ ପସନ୍ଦ କରୁନାହାନ୍ତି ; ଯେଉଁଥିପାଇଁ ଆମ ଦେଶରେ ଏବେ ବେକାରି ସମସ୍ୟା ବଢ଼ି ବଢ଼ି ଚାଲିଛି। ଏମିତି ଯଦି ଚାଲୁ ରୁହେ, ତେବେ ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବ ! ଠିକ୍ ସେଇଥିପାଇଁ ଗାଁ ଗାଁ ବୁଲି ମୋ ବୃତ୍ତି କରୁଛି। ଘରେ ନ ବସି ନିଜର ବେଉସାକୁ ଆପଣେଇ ନେଲେ ଆମେ ଆନନ୍ଦରେ ଜୀବନ ବଞ୍ଚିପାରିବା। ମଉସାଙ୍କ ପାଖରୁ ସବୁକଥା ଶୁଣିବା ପରେ ପିଲାଟିର ମୁଣ୍ଡରେ ବୁଦ୍ଧି ପଶିଲା ଏବଂ ସେ କୁଳ ବୃତ୍ତିର ଗୁରୁତ୍ୱକୁ ବୁଝିପାରିଲା। ଆମେ ଯେତେ ଆଧୁନିକ ହେଲେ ବି ଆମ ସଂସ୍କୃତି ଏବଂ ପରମ୍ପରାକୁ କେବେବି ନଷ୍ଟ କରିବା ଉଚିତ ନୁହେଁ। ଚକୋଲେଟ୍ ମଉସାଙ୍କ ଭଳି ନିଜ ନିଜର ବୃତ୍ତିକୁ ଭଲପାଇବା ଦରକାର। ତେବେ ଯାଇ ଆମ ଦେଶ ଓ ଜାତିର ବିକାଶ ହୋଇପାରିବ।

**– ଅଧ୍ୟାପକ ରାଜେଶ୍ ରାୟ**
ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
ମୋ: ୬୩୭୧୫୫୫୯୪୦

## ଶିଶୁ ପ୍ରତିଭା

# ଆଇପିଏସ୍ ଅଫିସର ହେବାକୁ ଇଚ୍ଛା



ଧର୍ମିଷ୍ଠା ସୁଜାନ୍ ବେହେରା



ସେତେବେଳେ ହୋଇଥାଏ ତାଙ୍କୁ ମାତ୍ର ୪ ବର୍ଷ। ଏହି ସମୟରେ ପିଲାଟି କରାଟେ ପ୍ରତି ଆକର୍ଷିତ ହୋଇଥିଲେ। ଆଉ ଝିଅର ଏଭଳି ଆଗ୍ରହ ଦେଖି ମା' ସୁଜାତା ଏବଂ ବାପା ସନ୍ତୋଷ କୁମାର ବେହେରା ତାଙ୍କୁ ଆହୁରି ଉତ୍ସାହିତ କରିଥିଲେ। ତା'ପରେ ସେ କରାଟେ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ିଚାଲିଲେ। ସେ ହେଲେ ହାଇଦ୍ରାବାଦରେ ଜନ୍ମିତା ଧର୍ମିଷ୍ଠା ସୁଜାନ୍ ବେହେରା। ବର୍ତ୍ତମାନ ସେ ସେଠାକାର ମିଆଁପୁରଠାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ–୮ର ଛାତ୍ରୀ। କେବଳ କରାଟେ ନୁହେଁ, ଆଉ କେତେକ କ୍ଷେତ୍ରରେ ସେ ନିଜ ପ୍ରତିଭାର ପ୍ରଦର୍ଶନ କରି ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛନ୍ତି। କରାଟେ ବ୍ୟତୀତ ସେ ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା। ଏଥିପାଇଁ ନିକଟରେ ସେ ତେଲେଙ୍ଗାନା ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହାବ୍ୟତୀତ ମର୍ଡନ ଡ୍ୟାନ୍ସ, ଚିତ୍ରାଙ୍କନ ଏବଂ ଖେଳକୁଦରେ ମଧ୍ୟ ତାଙ୍କର ରୁଚି ରହିଛି। ନିଜ ବିଷୟରେ ଧର୍ମିଷ୍ଠା କହନ୍ତି, ''କରାଟେ ପ୍ରତି ମୋର ଆଗ୍ରହ ଦେଖି ମୋ ମା' ମୋତେ ଅଧିକ ଉତ୍ସାହିତ କରିଥିଲେ। ପ୍ରସାଦ ବାବୁ ଆଦୁର୍ଥୀ ହେଉଛନ୍ତି ମୋର କରାଟେ ପ୍ରଶିକ୍ଷକ। ମାତ୍ର ଏକ ମାସ ପରେ ମୁଁ ବ୍ଲାକ୍ ବେଲ୍ଟ ଟେଷ୍ଟ ଦେବି। ଆଶା ରଖିଛି ଏଭଳି ଏକ ବହୁ ଆକାଂକ୍ଷିତ ବେଲ୍ଟ ନିଶ୍ଚୟ ପାଇବି। ପାଠ ପଢ଼ିବା ସହ ଦିନକୁ ମୁଁ ଯେମିତି ହେଲେ ଦୁଇ ଘଣ୍ଟା କରାଟେ ପ୍ରାକ୍ଟିସ କରିଥାଏ। ଅନ୍ୟପକ୍ଷରେ ବିଥିକା ମିସ୍ତ୍ରୀ ମୋର କ୍ଲାସିକାଲ୍ ଡ୍ୟାନ୍ସ ଗୁରୁ ହୋଇଥିବା ବେଳେ ରମେଶ ବାବୁ ଆଦୁର୍ଥୀ ହେଉଛନ୍ତି ମୋର ମର୍ଡନ ଡ୍ୟାନ୍ସ ଗୁରୁ। ଆଜି ମୁଁ ଯେଉଁ ସଫଳତା ପାଇଛି ତା'ପଛରେ ମା'ବାପା ଏବଂ ମୋ' ଗୁରୁଙ୍କ ଆଶୀର୍ବାଦ ରହିଛି। ପାଠ ପଢ଼ି ମୁଁ ଜଣେ ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି।'' ସେ ହାସଲ କରିଥିବା ପ୍ରମୁଖ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି ନ୍ୟାଶନାଲ ଓପନ କରାଟେ ୨୦୨୨ (ଗୋଲ୍ଡ ମେଡାଲ), ନ୍ୟାଶନାଲ ଓପନ କରାଟେ ଚାମ୍ପିୟନଶିପ୍ କୁମ୍ଫୁ ୨୦୨୨ (ବ୍ରୋଞ୍ଜ ପଦକ) ଏବଂ ନ୍ୟାଶନାଲ ଲେଭଲ ଟାଇଗର୍ସ କୁମ୍ଫୁ ପକ୍ଷରୁ ସେ ସିଲଭର ମେଡାଲ ମଧ୍ୟ ହାସଲ କରିଛନ୍ତି। ଏସବୁ ବ୍ୟତୀତ ତାଙ୍କୁ କ୍ୟାରମ୍, ବ୍ୟାଡମିଣ୍ଟନ, ବାସ୍କେଟବଲ, ସାଇକେଲିଂ, ରନିଂ ଏବଂ କ୍ରିକେଟ୍ ଆଦି ଖେଳି ସେ ଅନେକ ପୁରସ୍କାରର ହକ୍‌ଦାର ହୋଇଛନ୍ତି।

**– ମହାଶ୍ୱେତା ନାୟକ**



ଆଜିକାଲି ପିଲାମାନେ କେବଳ ପାଠ ନୁହେଁ, ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। କେବେ କେବେ ସେମାନଙ୍କୁ ବିଫଳତାର ସମ୍ମୁଖୀନ ହେବାକୁ ପଡିଥାଏ। ହେଲେ ଏଥିରେ ହାରି ନ ଯାଇ କେତୋଟି ବିଷୟ ପ୍ରତି ଗୁରୁତ୍ୱ ଦେଲେ ଜୀବନରେ ସଫଳତା ହାସଲ କରିବା ସହଜ ହୋଇଥାଏ ...

# ସଫଳତାର ସୂତ୍ର



ସଫଳତା ହାସଲ କରିବା ଏତେ ସହଜ ନୁହେଁ। କେବଳ ଭାବିଲେ କିମ୍ବା ଲକ୍ଷ୍ୟ ରଖିଲେ ହେବ ନାହିଁ ସେଥିଲାଗି ନିଜକୁ ଠିକ୍ ଭାବରେ ପ୍ରସ୍ତୁତ କରିବାକୁ ପଡିବ। ଏହି ରାସ୍ତାରେ ଚାଲିବା ସମୟରେ ବିଫଳତାର ସାମ୍ନା କରିବାକୁ ପଡିଥାଏ। ତେଣୁ ସେହି ସମୟରେ ହତୋତ୍ସାହିତ ନ ହୋଇ ଦୃଢ଼ ମନରେ ଆଗକୁ ଆଗେଇବା ଦରକାର। ଅନେକ ସମୟରେ କେତେକ ପିଲା ବିଫଳତାରୁ ସଫଳତାର ସୂତ୍ର ପାଇଥାଆନ୍ତି। ଯଦି କୌଣସି କାମରେ ବିଫଳ ହେଉଛନ୍ତି ତେବେ ତାହାର କାରଣଗୁଡିକୁ ଭଲ ଭାବରେ ତର୍ଜମା କରନ୍ତୁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ।

## ଭାବନାକୁ ବୁଝନ୍ତୁ

ସଫଳତା ହାସଲ କରିବାକୁ ଆଗେଇବା ବେଳେ ନିରାଶାର ସମ୍ମୁଖୀନ ହେବା କିଛି ନୂଆ କଥା ନୁହେଁ। ତେଣୁ ସେହି ସମୟରେ ଆତ୍ମବିଶ୍ୱାସ ଦୃଢ଼ ରହିବା ନିହାତି ଦରକାର। ସେତେବେଳେ ମନରେ ଅନେକ ଭାବନା ଆସିଥାଏ। ସେହି ଭାବନାଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେଗୁଡିକୁ ଅନୁସରଣ କରିପାରନ୍ତି। ସଫଳତା ରାସ୍ତାରେ ନିରାଶ ହେବା ସମୟରେ ଆତ୍ମବିଶ୍ୱାସ ପ୍ରଭାବିତ ହେବା ସ୍ୱାଭାବିକ। ତେଣୁ ଏହା କିପରି ଦୃଢ଼ ରହିବ ନିଜକୁ ପ୍ରସ୍ତୁତ କରନ୍ତୁ।

## ପରିସ୍ଥିତିରୁ ଶିଖନ୍ତୁ

ବାରମ୍ବାର ବିଫଳତା ଦ୍ୱାରା ବ୍ୟକ୍ତି କେବେ କେବେ ନିଜ ପ୍ରତି କଠୋର ହୋଇଯାନ୍ତି। ଏପରି କେବେ କରନ୍ତୁ ନାହିଁ। ସମ୍ମୁଖୀନ ହେଉଥିବା ପରିସ୍ଥିତିକୁ ସମୀକ୍ଷା କରନ୍ତୁ। ବିଫଳତା ଦ୍ୱାରା କ'ଣ ଶିକ୍ଷା ମିଳିଲା ତାହାକୁ ମଧ୍ୟ ବୁଝନ୍ତୁ। ତା'ପରେ ଦେଖିବେ ଏଥିରୁ ତୁମମାନଙ୍କୁ ସଫଳତାର କିଛି ସୂତ୍ର ହୁଏତ ମିଳିଯାଇପାରେ।

## ସହଯୋଗ

ନିଜର ସମସ୍ୟାଗୁଡିକୁ ସାଙ୍ଗମାନଙ୍କ ସହ ସେୟାର କରନ୍ତୁ। ଏହାକୁ ସମାଧାନ କରିବାର ଉପାୟ ହୁଏତ ସେମାନଙ୍କ ପାଖରେ ଥାଇପାରେ। ଯଦି ତୁମର ସଫଳତା ଯାତ୍ରା ବେଳେ କେହି ସହଯୋଗର ହାତ ବଢ଼ାନ୍ତି ତେବେ ଭାବିଚିନ୍ତି ସେ ବିଷୟରେ ନିଷ୍ପତ୍ତି ନିଅନ୍ତୁ। କାରଣ କେହି କେହି ହୁଏତ ତୁମକୁ ମାନସିକ ସ୍ତରରେ ଦୁର୍ବଳ ହେବାକୁ ପ୍ରୋତ୍ସାହିତ କରିପାରନ୍ତି। ତେଣୁ କାହାଠାରୁ ସହଯୋଗ ପାଇବା ବେଳେ ତାହାକୁ ଭଲ ଭାବରେ ତର୍ଜମା କରିବାକୁ ଭୁଲନ୍ତୁ ନାହିଁ।

## ନିଜ ଉପରେ ଭରସା

ଅଧିକ ପରିଶ୍ରମ କରିବା ସତ୍ତ୍ୱେ ଯଦି ଫଳ କିଛି ଏତେଟା ନ ମିଳିଲା ତେବେ ଭାବିବାକୁ ହେବ ଯେ ମୋତେ ଆହୁରି ଚେଷ୍ଟା କରିବାକୁ ପଡିବ ଏତିକି ଜଥେଷ୍ଟ ନଥିଲା। ନିଜର ଚେଷ୍ଟା କରିବାର କୌଶଳ କେହି ତୁମଠାରୁ ଛଡାଇ ନେଇପାରିବେ ନାହିଁ। ତେଣୁ ଏହି ସମୟରେ ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ।

## ଦୃଷ୍ଟିକୋଣ ମହତ୍ତ୍ୱପୂର୍ଣ୍ଣ

ସବୁବେଳେ ମାନସିକତା ଏବଂ ଚିନ୍ତାଧାରାକୁ ସକାରାତ୍ମକ ରଖନ୍ତୁ। କାରଣ ଏହାଦ୍ୱାରା ମନରେ ନକାରାତ୍ମକ ଭାବନା କମ୍ ଆସିଥାଏ। ନିଜର ଦୃଷ୍ଟିକୋଣକୁ ସବୁବେଳେ ପଜିଟିଭ ରଖନ୍ତୁ।

## ଆନନ୍ଦ ନିଅନ୍ତୁ

ଯେତେବେଳେ ମନରେ ଦୃଢ଼ ଆଶା ଜାଗ୍ରତ ହେଉଛି , ପରିଶ୍ରମ କରିବାର ଇଚ୍ଛାଶକ୍ତି ରହିବା ଦ୍ୱାରା ଏହି ରାସ୍ତା ଆହୁରି ଅଧିକ ପ୍ରେରଣାଦାୟକ ହୋଇଥାଏ। ଏହା ହେଉଛି ଜୀବନର ଅସଲ ପୁଞ୍ଜି, ଯାହାକୁ ଆଧାର କରି ତୁମେମାନେ ଆଗକୁ ବଢ଼ି ପାରିବ।



## ଏମାନେ କ'ଣ କରନ୍ତି..

### ବିଫଳତାରୁ ପ୍ରେରଣା ପାଇଥିଲି

ଦ୍ୱିତୀୟ ଶ୍ରେଣୀରେ ପଢ଼ିବା ବେଳେ ପ୍ରଥମେ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲି। ସେତେବେଳେ ମୋତେ ଭାରି ଭୟ ଲାଗୁଥିଲା। ହେଲେ ମୋ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ ମୋ ମନୋବଳକୁ ବଢ଼ାଇଥିଲେ। ଏହି ସମୟରେ କିଭଳି ନିଜ କଥାକୁ ଉପସ୍ଥାପନା କରିବି ତାହାର କୌଶଳ ସେମାନେ ମୋତେ ଶିଖାଇଥିଲେ। ଏବେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛି। ବିଫଳତା ହିଁ ମୋତେ ସଫଳତାର ରାସ୍ତା ଦେଖାଇଥିଲା। ଏହାବ୍ୟତୀତ ଗୀତ ମଧ୍ୟ ଗାଇଥାଏ। ତା'ସହ ପାଠପଢ଼ାକୁ ମଧ୍ୟ ଗୁରୁତ୍ୱ ଦିଏ। ସଫଳତାର ମନ୍ତ୍ରକୁ ସବୁବେଳେ ଠିକ୍ ଭାବରେ ଉପଯୋଗ କରି ଆଜି ମୁଁ ଏ କ୍ଷେତ୍ରରେ ଆଗକୁ ବଢ଼ି ପାରିଛି।



**-ଜ୍ୟୋତ୍ସ୍ନା ଦାସ,** କ୍ଲାସ-୧୦, କଳାକା ନାରାୟଣୀ ବିଦ୍ୟାପୀଠ, କେରାଣ୍ଡିପୁର, ପୁରୀ

### ବିଫଳତାକୁ ଭଲ ଭାବରେ ତର୍ଜମା କରେ

ସଫଳତା ହାସଲ କରିବାକୁ ସବୁବେଳେ ନିଜକୁ ମାନସିକ ସ୍ତରରେ ପ୍ରଥମେ ପ୍ରସ୍ତୁତ କରେ। କେତେକ ସମୟରେ ବିଫଳ ମଧ୍ୟ ହୋଇଛି, ହେଲେ ସେଥିରେ ଭାଙ୍ଗି ପଡିନି। ବିଫଳତାକୁ ଭଲ ଭାବରେ ତର୍ଜମା କରିଥାଏ ଆଉ ଅନେକ ଥର ସେଥିରୁ ମୋତେ ନୂଆ ବାଟ ମିଳିଛି। ଏହି ସମୟରେ ମନକୁ ହାଲୁକା ରଖିଥାଏ। କୌଣସି ସମସ୍ୟା ଦେଖାଦେଲେ ସେଥିରେ ବିଚଳିତ ନ ହୋଇ ତାହାକୁ ସମାଧାନ କରିବାକୁ ଚେଷ୍ଟା କରେ।



**-ରୁପାଲି ସାହୁ,** କ୍ଲାସ-୯ମ, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ, ପୁରୀ



୧



୨



୩



୪



୫



୬



୭



୮



**ସୁମୟା ଖାତୁନ୍**
କ୍ଲାସ- ୪, ଡିଏଭି
ପବ୍ଲିକ ସ୍କୁଲ,
ୟୁନିଟ-୧, ଭୁବନେଶ୍ୱର

୧



**ପ୍ରବୀର ମିଶ୍ର**
କ୍ଲାସ- ୩,
ଲୟୋଲା ସ୍କୁଲ,
ଭୁବନେଶ୍ୱର

୨



**ଆଦ୍ୟାଶା ପ୍ରିୟଦର୍ଶିନୀ ମହାନ୍ତି**
କ୍ଲାସ- ୮, ମଦର୍ସ
ପବ୍ଲିକ ସ୍କୁଲ, ୟୁନିଟ-୧,
ଭୁବନେଶ୍ୱର

୩



**ପ୍ରତୀକ ସ୍ୱାଇଁ**
କ୍ଲାସ- ୫, ହାପି
ଆୱାର୍ସ ସ୍କୁଲ,
ଭୁବନେଶ୍ୱର

୪



**ଅର୍ପିତା ପ୍ରିୟଦର୍ଶିନୀ ନାୟକ**
କ୍ଲାସ- ୨, ଅର୍କିଡ
ପବ୍ଲିକ ସ୍କୁଲ,
ରାଜସ, ଖୋର୍ଦ୍ଧା

୫



**ଇନୟା ତାହେର**
କ୍ଲାସ- ଏଲକେଜି,
ସ୍କିଲ୍ଡ ଇଣ୍ଟରନ୍ୟାସନାଲ
ସ୍କୁଲ, ଖୋର୍ଦ୍ଧା

୬



**ଚେତନା ପାଢୀ**
କ୍ଲାସ-୩, ଡିଏଭି ପବ୍ଲିକ
ସ୍କୁଲ, ୟୁନିଟ-୮,
ଭୁବନେଶ୍ୱର

୭



**ଅନନ୍ୟା ପରିଡା**
କ୍ଲାସ-୪, ପିଏମ୍ ଶ୍ରୀ
କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର

୮

## ଏଥରର

- କେଉଁ ଦୁଇଟି ମହାସାଗର ଆମ ଦେଶ ଭାରତର ଚାରିପଟରେ ରହିଛି ?
- ସବୁଠୁ ଗଭୀରତମ ମହାସାଗରର ନାମ ?
- କେଉଁ ମହାଦେଶରେ ଆମ ଦେଶ ଭାରତ ରହିଛି ?
- ଜଙ୍ଗଲର ରାଜା କାହାକୁ କୁହାଯାଏ ?
- ଭାରତର ଜାତୀୟ ପଶୁ କାହାକୁ କୁହାଯାଏ ?

ଉ ତ୍ତ ର

## ଗତଥରର



- ଆଡୋଲଫ୍ ହିଟଲର୍
- ସୁମୋ ରେସଲିଂ
- ଉରୁଗୁଏ
- ୧୯୦୦ ମସିହାରେ
- ଉସେନ୍ ବୋଲ୍ଟ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ୪୭ ସେକେଣ୍ଡରେ ହେୟାର ଷ୍ଟାଇଲ୍




ମାତ୍ର ୧ ମିନିଟ୍‌ରୁ କମ୍ ସମୟରେ ମଧ୍ୟ ବିଭିନ୍ନ ଷ୍ଟାଇଲ୍‌ରେ କେଶ କାଟି ହେବ। ଅନେକଙ୍କୁ ହୁଏତ ଏକଥା ବିଶ୍ୱାସ ହୋଇ ନ ପାରେ। କିନ୍ତୁ ଏଭଳି ଏକ କାମ କରିପାରିଛନ୍ତି ଗ୍ରୀସ୍‌ର କନ୍‌ଷ୍ଟାଣ୍ଟିନୋସ୍ କୌଟୋପିସ୍। ମାତ୍ର ୪୭ ସେକେଣ୍ଡରେ ସେ ଜଣଙ୍କର କେଶ କାଟି ଏକ ନୂଆ ହେୟାର ଷ୍ଟାଇଲ୍ ଦେଇପାରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସାମିଲ ହୋଇପାରିଛି। ୨୦୨୨ ସେପ୍ଟେମ୍ବର ମାସରେ ସେ ଏହି କାମ କରିଥିଲେ। ଏତେ କମ୍ ସମୟରେ କେଶ କାଟିବା ପାଇଁ ସେ ପ୍ରଥମେ ସବୁ ପ୍ରସ୍ତୁତି କରିଥିଲେ। ତେଣୁ ଗିନିଜ୍ ରେକର୍ଡ ଅଧିକାରୀଙ୍କ ଉପସ୍ଥିତିରେ ସେ ଟ୍ରିମର ସାହାଯ୍ୟରେ କେଶ କାଟିଥିଲେ। ଆଉ ଶେଷ କରିବା ପାଇଁ ସେ ମାତ୍ର ୪୭.୧୭ ସେକେଣ୍ଡ ନେଇଥିଲେ। ତେଣୁ ସବୁଠୁ କମ୍ ସମୟରେ କେଶ କାଟି ପାରିଥିବାରୁ ସେ ବିଶ୍ୱ ରେକର୍ଡ କରିପାରିଥିଲେ।



କ ବି ତା

## ଆମ ବାଲିଯାତ୍ରା

କାର୍ତ୍ତିକ ମାସରେ ନୀଳ ପାରାବାରେ
ବୋଇତକୁ ମେଲି ଦେଇ,
ସାଧବ ପୁଅମାନେ ଯାଉଥିଲେ ଦୂରେ
ବଣିଜ ବେପାର ପାଇଁ।
ଜାଭା, ବୋର୍ନିଓ, ସିଂହଳ, ସୁମାତ୍ରା
ଇଣ୍ଡୋନେସିଆ ଓ 'ବାଲି',
ଏମାନଙ୍କ ସହ ଆମ ନୌବାଣିଜ୍ୟ
ଅନାୟାସେ ଥିଲା ଚାଲି।
ବୋଇତରେ ଭରି ପାଟ ମଠା ଆଉ
ସୁନା ଚାନ୍ଦି ଅଳଙ୍କାର,
ସେ ଦେଶରେ ବିକି ବୋହି ଆଣୁଥିଲେ
ଧନ ରତନ ଅପାର।
ସାତ ସାଧବଙ୍କ ସୁନା ଭଉଣୀ ସେ
ନାମଟି ଯା' ତଅପୋଇ,
ଖେଳୁଥିଲା ଦାଣ୍ଡେ ହାତରେ ଧରି
ସୁନାଚାନ୍ଦ ଓ ସୁନା କୁଲେଇ।
ନାହିଁ ସେ ବୋଇତ ନାହାନ୍ତି ସାଧବେ
ନାହିଁ ନୌବାଣିଜ୍ୟ ପ୍ରଥା,
କଟକର 'ବାଲିଯାତ୍ରା' ବଖାଣୁଛି
ଆଜି ସେ ଗୌରବ ଗାଥା।

**– ମାଧବୀଲତା ଦେଇ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭



## କାର୍ତ୍ତିକ ମାସ

ଆଶ୍ୱିନ ସରିକି କାର୍ତ୍ତିକ ହେଲା,
ଶିରି ଶିରି ବାଆ ଦେଖ ବହିଲା
ଆମ ଗାଁକୁ ଆସିଲା ଶୀତ,
ଜେଜେମା' ଯାଏ ନଈକୁ ଗାଧୋଇ
ଗାଇ ନାନା ଢଗ ଗୀତ।
ପାହାନ୍ତା ଗାଧୁଆ ପାଇଁ,
ଅନ୍ଧାର ରାତିରେ ନଈକୁ ଯାଆନ୍ତି
କେତେ ଡକାଡକି ହୋଇ।
ଗାଧୋଇ ସାରିକି ଘରକୁ ଫେରି
ତୁଳସୀ ମୂଳରେ ବସନ୍ତି ଘେରି,
ରାଧା ଦାମୋଦର କରନ୍ତି ପୂଜା
ଚିତା ମୁରୁଜରେ ଚଉଁରା ସଜା।
ଗୁଆ ପାନ ଦୀପ ଡଙ୍ଗା ସଜାଇ
ଭସାନ୍ତି ଆ କା ମା ବୋଇ ଯେ କହି
ପାଳନ୍ତି ପଞ୍ଚକ ବଡ଼ ଆଦରେ
ପୂଜାପାଠ ନୀତି ନାନା ବିଧିରେ।
ସଞ୍ଜ ଗଡ଼ି ଯେବେ ଆସନ୍ତି ଶଶୀ
ଶିଖିଚୂଳ ସଙ୍ଗେ ରାଧିକା ମିଶି
ରାସ ଗୀତ ଗାଇ ଆନନ୍ଦ ମନେ
ଭୁଲିଯାନ୍ତି ଦୁଃଖ ଯେତେ ଜୀବନେ।

**– ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ସମିନଇ,
ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩

## କାର୍ତ୍ତିକ ପୂନେଇଁ

ଆସିଛି କାର୍ତ୍ତିକ ପୂନେଇଁ
ବୋଇତ ଦେବାରେ ଭସେଇ
ଫୁଲରେ ଡଙ୍ଗାକୁ ସଜେଇ
ଗୁଆ ପାନକୁ ଦବା ଥୋଇ।
ଘିଅ ସଳିତାକୁ ଜଳେଇ
ହୁଳହୁଳି ଦବା ପକେଇ
ଆ କା ମା ବୈ ଦବା କହି
ଧର୍ମ ଡଙ୍ଗା ଦବା ଭସେଇ।
ସାଧବ ପୁଅ ବଣିଜରେ
ଯାଇଥିଲେ ଏଇ ତିଥିରେ
ବେପାର କଲେ ବିଦେଶରେ
ଧନ ରତନର ଆଶାରେ।
ନୀଳ ଢେଉକୁ ଚିରି ଚିରି
ସାତ ଦରିଆ ଗଲେ ପାରି
ଆସିଲେ ଧନ ସାଥେ ଧରି
ବଢ଼ାଇଲେ ଏ ଦେଶ ଶିରୀ।
ଆସିଲେ ସାଧବ ପୁଅ ଫେରି
ବାଜି ଉଠୁଥିଲା ଭେରି ତୂରୀ
ଭଣ୍ଡାର ଆମର ଦେଲେ ଭରି
ଫେରିଲା ଅତୀତ ଶୋଭା ଶିରୀ।

**– ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

## କହିଲ ଦେଖି



ମହାଦେବଙ୍କର ମହା ଆରାଧନା
ରାସ ପୂର୍ଣ୍ଣିମାର ପୂର୍ବ ଦିବସ,
ନିଷ୍ଠାରେ ପାଳିଲେ ନାନା ପୁଣ୍ୟ ମିଳେ
ବର ଦେଇଥା'ନ୍ତି ଶ୍ରୀ ଆଶୁତୋଷ।
ବଡ଼ ଦେବଙ୍କର କିସ ଏ ଓଷା,
ହଟି ଯାଇଥାଏ ସକଳ ଦଶା।

**ଉତ୍ତର– ବଡ଼ଓଷା**



କାର୍ତ୍ତିକର ବଡ଼ ଏକାଦଶୀଠାରୁ
ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଟି ଦିନ,
ଏ ମହା ବରତ ହୁଅଇ ପାଳିତ
କାଷ୍ଠାରେ ନିଷ୍ଠାରେ ହୁଅଇ ପୁଣ୍ୟ।
ଆମିଷ ଖାଏନି ବଗ,
କହିଦିଅ ପିଲେ ଆଗ।

**ଉତ୍ତର– ପଞ୍ଚକ ବ୍ରତ**



ବୃନ୍ଦାବନରେ କୁଞ୍ଜ କାନନରେ
ଶ୍ରୀରାଧା ଶ୍ରୀକୃଷ୍ଣ କେଳି,
ତୁଳସୀ ବନ୍ଦନା, ବିଷ୍ଣୁ ଆରାଧନା
ଆକାଶଦୀପକୁ ଜାଳି,
ଏ କେଉଁ ପୂର୍ଣ୍ଣିମା କୁହ ?
କାର୍ତ୍ତିକେୟଙ୍କର ପୂଜା ହୋଇଥାଏ
ପବିତ୍ର ମନ ଓ ଦେହ।


**ଉତ୍ତର– କାର୍ତ୍ତିକ ପୂର୍ଣ୍ଣିମା/ରାସ ପୂର୍ଣ୍ଣିମା**



ଓଡ଼ିଶା ଗୌରବ ଐତିହ୍ୟର ଯାତ୍ରା
ମନେପଡ଼ିଯାଏ ସାଧବ ପୁଅର କଥା,
କଟକର ଗଡ଼ଗଡ଼ିଆ ଘାଟରେ
ପାଳିତହୁଏ ଏ ମହାନ୍ ସଂସ୍କୃତି ପ୍ରଥା।
କେଉଁ ଯାତ୍ରା କୁହ ଇଏ ?
କାର୍ତ୍ତିକ ପୂର୍ଣ୍ଣିମା ତିଥିରୁ ଆରମ୍ଭ ହୁଏ।

**ଉତ୍ତର– ବାଲିଯାତ୍ରା**

**– କବିଜ୍ୟୋତି ନିରଞ୍ଜନ ପତି**
ପ୍ରଗତି ନଗର, ଅନୁଗୋଳ
ମୋ: ୯୯୩୮୧୩୩୫୫୯




ଜଣା ଅଜଣା



**ଚିଡ଼ିଆଖାନା ଏପରି ଏକ ସ୍ଥାନ, ଯେଉଁଠି ଅନେକ ପ୍ରକାର ଜୀବଜନ୍ତୁ ଓ ପକ୍ଷୀମାନଙ୍କୁ ରଖାଯାଇଥାଏ ଏବଂ ସେମାନଙ୍କର ସମ୍ପୂର୍ଣ୍ଣ ଦେଖାଶୁଣା କରାଯାଇଥାଏ। କିନ୍ତୁ ବିଶ୍ୱରେ ଏମିତି କିଛି ଚିଡ଼ିଆଖାନା ରହିଛି, ଯେଉଁଠାରେ କିଛି ନିଆରା ଦୃଶ୍ୟ ଦେଖିବାକୁ ମିଳିଥାଏ ....**

# ଅଜବ ଚିଡ଼ିଆଖାନା



ପିଲାମାନେ ! ତୁମେ ରହୁଥିବା ସହରରେ ନିଶ୍ଚିତ ଚିଡ଼ିଆଖାନା ଦେଖିଥିବ। ଏଠାରେ ତୁମେ ବନ୍ୟ ଜୀବଜନ୍ତୁଙ୍କୁ ଖୁବ୍ ସହଜରେ ଦେଖିପାରିବ। ଦେଶ ବିଦେଶରେ ଏମିତି କିଛି ଚିଡ଼ିଆଖାନା ରହିଛି, ଯାହାକି ନିଜର ବିଶେଷତା କାରଣରୁ ବହୁତ ଖାସ୍।

## ଲେହେଲେଦୁ ୱାଇଲ୍ଡ ଲାଇଫ୍ ଜୁ ଚାଇନା

ପିଲାଏ, ପ୍ରାୟ ସବୁ ଚିଡ଼ିଆଖାନାରେ ଜୀବଜନ୍ତୁଙ୍କୁ ପିଞ୍ଜରାରେ ରଖାଯାଉଥିବା ବେଳେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ଜୀବଜନ୍ତୁ ବାହାରେ ବୁଲୁଥିବା ବେଳେ ଯେଉଁମାନେ ଦେଖିବାକୁ ଯା'ନ୍ତି, ସେଠାରେ ଲୋକମାନଙ୍କୁ ପିଞ୍ଜରାରେ ରଖାଯାଏ। ଏପରି କରିବା ଦ୍ୱାରା ଜୀବଜନ୍ତୁଙ୍କୁ ବହୁତ ନିକଟରୁ ଦେଖିପାରିବେ। ତାଙ୍କୁ ଖାଇବାକୁ ମଧ୍ୟ ଦେଇପାରିବେ। କେବେକେବେ ତ ପର୍ଯ୍ୟଟକମାନେ ଭରି ହୋଇଥିବା ପିଞ୍ଜରାଭୁକ୍ତଗାଡ଼ିରେ ଚିତା, ସିଂହ ଆଦି ଚଢ଼ିଯିବାର ଦେଖାଯାଏ। ଭାବିଲ ଏସବୁ କେତେ ରୋମାଞ୍ଚଭରା ହୋଇଥିବ।

## ଗ୍ରେଟର ଭ୍ୟାନକୋଭର ଜୁ, କାନାଡ଼ା

ବ୍ରିଟିଶ୍ କଲମ୍ବିଆ କ୍ଷେତ୍ରରେ ଥିବା ଏହି ଚିଡ଼ିଆଖାନା ଭ୍ୟାନକୋଭର ଗେମ୍‌ଫାର୍ମ ନାମରେ ପ୍ରଥମେ ଆରମ୍ଭ ହୋଇଥିଲା। ସେତେବେଳେ ଏଠାରେ ମୁଖତଃ ହରିଣ ଭଳି ଛୋଟ ଜୀବଜନ୍ତୁଙ୍କୁ ଏଠାରେ ରଖାଯାଉଥିଲା। ପରେ ଯେତେବେଳେ ଏଠାରେ ଜୀବଜନ୍ତୁଙ୍କୁ ସଂରକ୍ଷଣ ଆରମ୍ଭ କରାଗଲା, ସେତେବେଳେ ଏହାର ନାମ ବଦଳି ଗ୍ରେଟର ଭ୍ୟାନକୋଭର ଜୁ କରିଦିଆଗଲା। ବର୍ତ୍ତମାନ ଏଠାରେ ଉଦ୍ଧାର କରାଯାଉଥିବା ଜୀବଜନ୍ତୁଙ୍କୁ ରଖାଯାଉଛି। ଜୀବଜନ୍ତୁଙ୍କୁ ପୁନର୍ବାସ ଏବଂ ସୁରକ୍ଷିତ ପରିବେଶ ଦିଆଯାଏ ରହିବା ଲାଗି। ଉକ୍ତ ଚିଡିଆଖାନାରେ ୧୫୦ରୁ ଅଧିକ ପ୍ରଜାତିର ଜୀବଜନ୍ତୁ ଅଛନ୍ତି, ଯେଉଁଥିରେ ଆମେରିକାର ଧଳା ସିଂହ, ଚିତା, ଲିଓପାର୍ଡ, ସାହାରା ମରୁଭୂମିର ଦୁର୍ଲଭ ଏଡେକ୍ସ ହରିଣ, ଆମେରିକାର ଏଲ୍କ ହରିଣ, ଧଳା ପେଲିକାନ୍, ଆମେରିକାର ରାଷ୍ଟ୍ରୀୟ ପକ୍ଷୀ ଇଗଲ, ବାଇସନ୍, ଓରୋଗାନ୍, ପେଣ୍ଟେଡ୍ ଟର୍ଟଲ ପର୍ଯ୍ୟଟକଙ୍କୁ ବିଶେଷ ରୂପରେ ଆକର୍ଷିତ କରିଥାଏ। ପର୍ଯ୍ୟଟକମାନେ ଏଠାରେ ଓପନ୍ ଟ୍ରେନ୍ ସଫାରୀ ରାଇଡ୍‌ର ମଜା ଉଠାଇ ପାରିବେ, ଯେଉଁଥିରେ ବସି ସମ୍ପୂର୍ଣ୍ଣ ଚିଡ଼ିଆଖାନାରେ ଜୀବଜନ୍ତୁଙ୍କୁ ସହଜରେ ଦେଖିପାରିବେ। ଏହି ଜୁ'ରେ ଜୁରାସିକ୍ ପାର୍କ ମୁଭି ଥିମ୍ ପରି ମିଶିଯାଉଥିବା ଡାଇନୋସୋର ୱାର୍ଲ୍ଡ ବି ରହିଛି। ଏଠାରେ ଡାଇନୋସର କେତେକ ବଡ ବଡ ଆନିମେଟ୍ରାନିକ୍ ୱାର୍କିଂ ମଡେଲ କରାଯାଇଛି , ଯାହା ଧିରେ ଧିରେ ହଲିବାକୁ ଲାଗନ୍ତି ଏବଂ ସେଥିରୁ ଭୟଙ୍କର ଶବ୍ଦ ବାହାରିଥାଏ।

## ହେନରୀ ଡୁର୍‌ଲୀ ଜୁ,ଆମେରିକା

ଆମେରିକାର ନେବ୍ରାସ୍କା ସ୍ଥିତ ଏହି ଚିଡିଆଖାନା ଦୁର୍ଲଭ ଏବଂ ସଙ୍କଟଗ୍ରସ୍ତ ପ୍ରଜାତିଙ୍କ ସଂରକ୍ଷଣ ଲାଗି ବହୁତ ପ୍ରସିଦ୍ଧ। ଏଠାରେ ୨୦ହଜାରରୁ ଅଧିକ ଜୀବଜନ୍ତୁ ରହୁଛନ୍ତି। ଉକ୍ତ ଚିଡ଼ିଆଖାନାରେ ଇଣ୍ଡୋର ଡୋମ୍ ରହିଛି ; ଯେଉଁଠାରେ ଖେଳ, ମନୋରଞ୍ଜନ କିମ୍ବା ଅନ୍ୟ କିଛି ଗତିବିଧି ଲାଗି ସମ୍ପୂର୍ଣ୍ଣ ବନ୍ଦ ବାତାବରଣ ରହିଛି। ଏଠାରେ ଏକ ଇଣ୍ଡୋର ରେନ୍‌ଫରେଷ୍ଟ କରଯାଇ ପ୍ରାଣୀମାନଙ୍କୁ ରଖାଯାଉଛି। ଏହି ଚିଡ଼ିଆଖାନାରେ ବିଶ୍ୱର ସବୁଠାରୁ ବଡ କିଙ୍ଗଡମ୍ ଅଫ୍ ନାଇଟ୍ ରହିଛି, ଅର୍ଥାତ୍ ଏଠାରେ ରାତ୍ରିଚର ପ୍ରାଣୀଙ୍କୁ ରଖାଯାଏ। ଏଠାରେ କୃତ୍ରିମ ବାତାବରଣ ଭିତରେ ରାତ୍ରିରେ ସକ୍ରିୟ ହେଉଥିବା ଜୀବଜନ୍ତୁଙ୍କୁ ଦିନ ସମୟରେ ଚଳ ପ୍ରଚଳ ହେଉଥିବାର ଦେଖିପାରିବେ ।



## ଅନ୍ୟ ନାମରେ ପରିଚିତ ସହର

| | |
|---|---|
| ପିଙ୍କ୍ ସିଟି: | ଜୟପୁର |
| ବ୍ଲୁ ସିଟି: | ଯୋଧପୁର |
| ହ୍ୱାଇଟ୍ ସିଟି : | ଉଦୟପୁର |
| ଅରେଞ୍ଜ ସିଟି : | ନାଗପୁର |
| ଗାର୍ଡେନ ସିଟି: | ବାଙ୍ଗାଲୋର |
| ବ୍ଲାକ୍‌ସିଟି : | କୋଲ୍‌କାତା |
| ଡାଇମଣ୍ଡ ସିଟି: | ସୁରତ |
| ସିଲ୍‌ଭରସିଟି: | କଟକ |
| ସିଟି ଅଫ୍ ଜୟ: | କୋଲ୍‌କାତା |
| ପ୍ୟାରିସ୍ ଅଫ୍ ଇଣ୍ଡିଆ: | ଜୟପୁର |

## ଜାଣିଛ କି

- ସାଇକେଲ୍‌ର ଆବିଷ୍କାର ମ୍ୟାକ୍ କିର୍କପ୍ୟାଟ୍ରିକ୍ ମ୍ୟାକ୍ ମିଲନ୍ କରିଥିଲେ।
- ମୋଟର କାରର ଆବିଷ୍କାରକ ହେଉଛନ୍ତି ହେନ୍‌ରୀ ଫୋର୍ଡ।
- କାଲ୍‌କୁଲେଟରର ଆବିଷ୍କାର ବି. ପାସ୍‌କାଲ କରିଥିଲେ।
- ରେଡିଓର ଆବିଷ୍କାର ଜି ମାର୍କୋନୀ କରିଥିଲେ।
- ଟେଲିଭିଜନ୍‌ର ଆବିଷ୍କାର ଜେ.ଏଲ. ବେୟର୍ଡ କରିଥିଲେ।
- ପ୍ରେସରକୁକର ଆବିଷ୍କାରକ ହେଉଛନ୍ତି ଡେନିସ୍ ପେପିନ୍।
- ଥର୍ମୋମିଟରର ଆବିଷ୍କାର କରିଥିଲେ ଡାନିଏଲ ଫାରେନ୍‌ହାଇଟ୍।
- ଜେଡ୍. ଜନସନ୍ ମାଇକ୍ରୋସ୍କୋପର ଆବିଷ୍କାର କରିଥିଲେ।


ଜି ମାର୍କୋନୀ


ଫାରେନ୍‌ହାଇଟ୍

# ଆ ଇ ନା



ଲାବନ୍ୟା ରାଉତରାୟ
୩ ବର୍ଷ, କେନ୍ଦ୍ରାପଡା



ସାନ୍‌ଭୀ ସାହୁ
୮ ବର୍ଷ, ଅନୁଗୁଳ